**କରନ୍ତୁ**

1. ସମ୍ପୂର୍ଣ୍ଣ ଗୋପନୀୟତାରେ ଆପଣଙ୍କ ଏଟିଏମ୍ କାରବାର କରନ୍ତୁ, ଆପଣଙ୍କ ବ୍ୟକ୍ତିଗତ ପରିଚୟ ନମ୍ବର (ପିନ୍) ପ୍ରବେଶ କରୁଥିବା ସମୟରେ କାହାକୁ ଦେଖିବାକୁ ଦିଅନ୍ତୁ ନାହିଁ।
2. ଟ୍ରାଞ୍ଜାକସନ୍ ସମାପ୍ତ ହେବା ପରେ ନିଶ୍ଚିତ କରନ୍ତୁ ଯେ ଏଟିଏମ୍ ସ୍କ୍ରିନରେ ସ୍ୱାଗତ ସ୍କ୍ରିନ୍ ପ୍ରଦର୍ଶିତ ହୋଇଛି।
3. ନିଶ୍ଚିତ କରନ୍ତୁ ଯେ ଆପଣଙ୍କର ବର୍ତ୍ତମାନର ମୋବାଇଲ୍ ନମ୍ବର ବ୍ୟାଙ୍କରେ ପଞ୍ଜୀକୃତ ହୋଇଛି ଯାହା ଦ୍ୱାରା ଆପଣ ଆପଣଙ୍କର ସମସ୍ତ କାରବାର ପାଇଁ ସତର୍କ ସୂଚନା ପାଇପାରିବେ।
4. ଏଟିଏମ୍ ଆଖପାଖରେ ସନ୍ଦେହଜନକ ଭାବେ ବୁଲୁଥିବା ବ୍ୟକ୍ତି କିମ୍ବା ଆପଣଙ୍କ ସହିତ କଥାବାର୍ତ୍ତା କରିବାକୁ ଚେଷ୍ଟା କରୁଥିବା ଅଜଣା ବ୍ୟକ୍ତିଙ୍କ ପ୍ରତି ସାବଧାନ ରୁହନ୍ତୁ।
5. କାରବାର ସମାପ୍ତ ହେବା ପରେ ମର୍ଚ୍ଚାଣ୍ଟ ଆପଣଙ୍କୁ ଦେଇଥିବା କାର୍ଡ ଆପଣଙ୍କର କାର୍ଡ କି ନାହିଁ ଯାଞ୍ଚ କରନ୍ତୁ।
6. ଏଟିଏମ୍/ଡେବିଟ୍ କାର୍ଡ ହଜିଗଲେ କିମ୍ବା ଚୋରି ହେଲେ ତୁରନ୍ତ ବ୍ୟାଙ୍କକୁ ସୂଚନା ଦିଅନ୍ତୁ। ଯଦି କୌଣସି ଅନଧିକୃତ କାରବାର ହୋଇଛି ତେବେ ରିପୋର୍ଟ କରନ୍ତୁ।
7. ଟ୍ରାଞ୍ଜାକସନ୍ ଆଲର୍ଟ ଏସଏମଏସ୍ ଏବଂ ବ୍ୟାଙ୍କ ଷ୍ଟେଟମେଣ୍ଟ ନିୟମିତ ଯାଞ୍ଚ କରନ୍ତୁ।
8. ଯଦି ନଗଦ ଟଙ୍କା ବାହାରି ନ ଥାଏ ଏବଂ ଏଟିଏମ୍ "କ୍ୟାସ ନାହିଁ" ଦେଖାଉନାହିଁ ତେବେ ଦୟାକରି ନୋଟିସ ବୋର୍ଡରେ ଉଲ୍ଲେଖ କରାଯାଇଥିବା ନମ୍ବରରେ ବ୍ୟାଙ୍କକୁ ରିପୋର୍ଟ କରନ୍ତୁ।
9. ଡେବିଟ୍ ହୋଇଥିବା ପରିମାଣର ଏସଏମଏସ୍ ପାଇଁ ତୁରନ୍ତ ଆପଣଙ୍କ ଫୋନ୍ ଯାଞ୍ଚ କରନ୍ତୁ।
10. ଆପଣଙ୍କ କାର୍ଡ ପାଇବା ମାତ୍ରେ ଏହା ପଛରେ ଥିବା ଷ୍ଟ୍ରିପରେ ଦସ୍ତଖତ କରନ୍ତୁ।
11. ଆପଣଙ୍କ ପିନକୁ ମନେ ରଖନ୍ତୁ ଏବଂ ପିନ୍ ଲେଖା ଥିବା ସମସ୍ତ କାଗଜକୁ ନଷ୍ଟ କରନ୍ତୁ।
12. ଦୟାକରି ପିନ୍ ମନେ ରଖିବା ପରେ ଆପଣ ପାଇଥିବା ପିନ୍ ଲେଖାଥିବା ପତ୍ରକୁ ନଷ୍ଟ କରନ୍ତୁ।
13. ସର୍ବଦା ପିନ୍ ପ୍ରାପ୍ତ କରିବା ମାତ୍ରେ ଏହାକୁ ପରିବର୍ତ୍ତନ କରନ୍ତୁ।
14. ସର୍ବଦା ନିୟମିତ ଭାବରେ ପିନ୍ ପରିବର୍ତ୍ତନ କରନ୍ତୁ, ବିଶେଷ କରି ପ୍ରତି ତିନି ମାସରେ ଥରେ ବଦଳାନ୍ତୁ ।
15. କାର୍ଡର ପ୍ରଥମ ବ୍ୟବହାର ଏଟିଏମରେ ହେବା ଜରୁରୀ, ନଚେତ୍ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍) ଟର୍ମିନାଲରେ ଏହା ଗ୍ରହଣ କରାଯିବ ନାହିଁ।
16. ଆପଣଙ୍କ ଏଟିଏମ୍ କାରବାର ପାଇଁ ଏସଏମଏସ ଆଲର୍ଟ ପାଇବାକୁ ବ୍ୟାଙ୍କରେ ଆପଣଙ୍କ ମୋବାଇଲ ନମ୍ବର ପଞ୍ଜିକରଣ କରନ୍ତୁ ।
17. ଆକାଉଣ୍ଟରେ କୌଣସି ଅନଧିକୃତ କାର୍ଡ ଟ୍ରାଞ୍ଜାକ୍ସନ ଦେଖିଲେ ତୁରନ୍ତ ବ୍ୟାଙ୍କକୁ ଜଣାଇବା ଉଚିତ । ଆପଣଙ୍କ ଡେବିଟ୍ କାର୍ଡରେ ଜାଲିଆତି କରି ଟଙ୍କା ଉଠାଣ କରାଯାଉଥିଲେ ଏହା ଆପଣଙ୍କୁ ସାହାଯ୍ୟ କରିବ ।
18. ଆପଣଙ୍କ କାର୍ଡକୁ ସୁରକ୍ଷିତ ସ୍ଥାନରେ ରଖନ୍ତୁ ଯଦ୍ୱାରା ଏହା ହଜିଛି କି ନାହିଁ ଆପଣ ତୁରନ୍ତ ଜାଣିପାରିବେ।
19. ଆପଣଙ୍କ ଏଟିଏମ୍ କାର୍ଡକୁ ନଗଦ ଟଙ୍କା ପରି ସୁରକ୍ଷିତ ରଖନ୍ତୁ ଏବଂ ସୁରକ୍ଷିତ ହେପାଜତରେ ଥିବା ସୁନିଶ୍ଚିତ କରନ୍ତୁ।
20. ଏଟିଏମ୍ ତଥା ଡେବିଟ୍ କାର୍ଡକୁ ସତର୍କତାର ସହ ରଖନ୍ତୁ ଯେପରି ଏହାର ଚୁମ୍ବକୀୟ ପଟି ନଷ୍ଟ ହେବ ନାହିଁ।
21. ଏଟିଏମକୁ ଯିବା ପୂର୍ବରୁ ସେଠାରେ ସନ୍ଦିଗ୍ଧ ମନେ ହେଉଥିବା ଲୋକଙ୍କ ଉପରେ ନଜର ରଖନ୍ତୁ। ଯଦି ଆପଣ ନିରାପଦ ଅନୁଭବ କରନ୍ତି ନାହିଁ ତେବେ ତୁରନ୍ତ ଏଟିଏମ୍ ତ୍ୟାଗ କରନ୍ତୁ।
22. ଏଟିଏମ୍ କାରବାର ଆରମ୍ଭ କରିବା ପରେ ଯଦି ଆପଣ କୌଣସି ସନ୍ଦେହଜନକ କିମ୍ବା ଅନ୍ୟ କୌଣସି ସମସ୍ୟା ଦେଖନ୍ତି, ତେବେ ଆପଣ ତାହାକୁ ବାତିଲ କରି ସ୍ଥାନ ତ୍ୟାଗ କରିପାରିବେ।
23. "କାନ୍ଧ ଉପର ଦେଇ ଦେଖୁଥିବା" ବ୍ୟକ୍ତିଙ୍କୁ ସାବଧାନ । ପିନ୍ ପ୍ରବେଶ କରିବା ସମୟରେ ଆପଣଙ୍କ ଶରୀର ଦ୍ୱାରା କୀପ୍ୟାଡକୁ ଢାଙ୍କି ପିନକୁ ଲୁଚାନ୍ତୁ।
24. ଟ୍ରାଞ୍ଜାକସନ୍ କରିବା ପରେ ନିଶ୍ଚିତ ହୁଅନ୍ତୁ ଯେ ଆପଣଙ୍କ ପାଖରେ ଆପଣଙ୍କ କାର୍ଡ ଏବଂ ଆପଣଙ୍କ ରସିଦ ଅଛି ଏବଂ ତା'ପରେ ତୁରନ୍ତୁ ବାହାରି ଯାଆନ୍ତୁ।
25. ଥରେ ଆପଣ ନିଜର କାରବାର ସମାପ୍ତ କରିବା ପରେ, ବାହାରି ଯିବା ପୂର୍ବରୁ ନିଶ୍ଚିତ ହୁଅନ୍ତୁ ଯେ ସ୍ୱାଗତ ସ୍କ୍ରିନ୍' ଏଟିଏମରେ ପ୍ରଦର୍ଶିତ ହୋଇଛି ଏବଂ ଏହା ସ୍କ୍ରୋଲ୍ ହେଉଛି।
26. ପାସବୁକ୍ ଏଣ୍ଟ୍ରିଗୁଡିକର ସଠିକତା ସୁନିଶ୍ଚିତ କରିବା ପାଇଁ ସମୟ ସମୟରେ ଏହାକୁ ଯାଞ୍ଚ କରନ୍ତୁ। କୌଣସି ଅନଧିକୃତ କାର୍ଡ କାରବାର ପରିଲକ୍ଷିତ ହେଲେ ତୁରନ୍ତ ବ୍ୟାଙ୍କକୁ ଜଣାଇବା ଉଚିତ।
27. ଦୟାକରି ନିଶ୍ଚିତ କରନ୍ତୁ ଯେ ପଏଣ୍ଟ ଅଫ୍ ସେଲ୍ (ପିଓଏସ୍)ରେ ଆପଣଙ୍କ ଉପସ୍ଥିତିରେ କାର୍ଡ୍ ସ୍ୱାଇପ୍ ହୋଇଛି।
28. ଯଦି ଆପଣଙ୍କ ଏଟିଏମ୍/ଡେବିଟ୍ କାର୍ଡ ହଜିଯାଏ କିମ୍ବା ଚୋରି ହୋଇଯାଏ, ତେବେ ତୁରନ୍ତ କାର୍ଡକୁ ହଟଲିଷ୍ଟ କରନ୍ତୁ। ଡେବିଟ୍ କାର୍ଡର ହଟ୍ ଲିଷ୍ଟିଂ ପାଇଁ ଦୟାକରି ହେଲ୍ପ ଲାଇନ୍ ନମ୍ବର - 1800 1200 1200 କୁ କଲ୍ କରନ୍ତୁ କିମ୍ବା ନିକଟସ୍ଥ ଶାଖାକୁ ଯାଆନ୍ତୁ।
29. ଆକାଉଣ୍ଟର ଅବଧି ସରିବା ପରେ କିମ୍ବା ବନ୍ଦ ହେବା ପରେ ଯେତେବେଳେ ଆପଣ ଆପଣଙ୍କ କାର୍ଡକୁ ନଷ୍ଟ କରନ୍ତି, ଏହାକୁ ମ୍ୟାଗ୍ନେଟିକ ଷ୍ଟ୍ରିପ୍ ଦେଇ ଚାରି ଖଣ୍ଡ କରି କାଟି ଦିଅନ୍ତୁ।
30. ଏଟିଏମ୍ ସହ ସଂଯୁକ୍ତ ଅତିରିକ୍ତ ଡିଭାଇସ୍ ସନ୍ଧାନ କରନ୍ତୁ। ଆପଣଙ୍କ ଡାଟା କ୍ୟାପଚର୍ କରିବାକୁ ଏଗୁଡିକ ରଖାଯାଇପାରେ। ଯଦି ଏଭଳି କୌଣସି ଡିଭାଇସ୍ ମିଳେ ତେବେ ତୁରନ୍ତ ସିକ୍ୟୁରିଟି/ବ୍ୟାଙ୍କକୁ ସୂଚନା ଦିଅନ୍ତୁ।

**କରନ୍ତୁ ନାହିଁ**

1. କାର୍ଡ ଉପରେ ଆପଣଙ୍କ ପିନ୍ ଲେଖନ୍ତୁ ନାହିଁ, ଆପଣଙ୍କ ପିନକୁ ମନେ ରଖନ୍ତୁ।
2. ଏହାକୁ ବ୍ୟବହାର କରିବା ପାଇଁ ଅଜଣା ବ୍ୟକ୍ତିଙ୍କ ସାହାଯ୍ୟ ନିଅନ୍ତୁ ନାହିଁ କିମ୍ବା ଆପଣଙ୍କ କାର୍ଡ କାହାକୁ ହସ୍ତାନ୍ତର କରନ୍ତୁ ନାହିଁ ।
3. ବ୍ୟାଙ୍କ କର୍ମଚାରୀ ଓ ପରିବାର ସଦସ୍ୟଙ୍କ ସମେତ କାହାକୁ ନିଜର ପିନ୍ ପ୍ରକାଶ କରନ୍ତୁ ନାହିଁ।

4. ଆପଣ ଦେୟ ଭରିବା ସମୟରେ କାର୍ଡଗୁଡ଼ିକ ଆପଣଙ୍କ ଦୃଷ୍ଟିରୁ ବାହାରକୁ ଯିବାକୁ ଦିଅନ୍ତୁ ନାହିଁ ।
5. କାରବାର କରୁଥିବା ସମୟରେ ମୋବାଇଲରେ କଥା ହୁଅନ୍ତୁ ନାହିଁ।
6. ନିଜର କାର୍ଡ କେବେ ବି କାହାକୁ ଦିଅନ୍ତୁ ନାହିଁ, ଏପରିକି ଆପଣଙ୍କ ନିକଟ ସମ୍ପର୍କୀୟ/ବନ୍ଧୁଙ୍କୁ କିମ୍ବା ବ୍ୟାଙ୍କର ପ୍ରତିନିଧି ବୋଲି ଦାବି କରୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଦିଅନ୍ତୁ ନାହିଁ ।
7. କେବେ ବି ଆପଣଙ୍କ ୱାଲେଟ୍ କିମ୍ବା ପର୍ସରେ ଆପଣଙ୍କ ପିନ୍ ରଖନ୍ତୁ ନାହିଁ।
8. ଆପଣଙ୍କ ପିନ୍ ଭରିବା ବେଳେ କାହାକୁ କେବେ ବି ଦେଖିବାକୁ ଦିଅନ୍ତୁ ନାହିଁ।
9. ସହଜରେ ଅନୁମାନ କରାଯାଇପାରିବା ଭଳି ପିନ୍ କେବେ ବି ବ୍ୟବହାର କରନ୍ତୁ ନାହିଁ ଯେପରିକି ଆପଣଙ୍କ ଜନ୍ମଦିନ କିମ୍ବା ଟେଲିଫୋନ୍ ନମ୍ବର।
10. ଆପଣଙ୍କ କାର୍ଡକୁ କେବେ ବି ଏଟିଏମରେ ଛାଡ଼ନ୍ତୁ ନାହିଁ ।
11. ନିଜର କାର୍ଡକୁ କେବେ ବି ଏଣେତେଣେ ପକାଇ ରଖନ୍ତୁ ନାହିଁ, ଉଦାହରଣ ସ୍ୱରୂପ କାରରେ, ହୋଟେଲ ରୁମରେ କିମ୍ବା କାର୍ଯ୍ୟସ୍ଥଳରେ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରେ ।
12. ଇଲେକ୍ଟ୍ରୋନିକ୍ ପଏଣ୍ଟ-ଅଫ୍-ସେଲ୍ ସ୍ୱାଇପ୍ ଟର୍ମିନାଲ ନ ଥିବା ବ୍ୟବସାୟିକ ପ୍ରତିଷ୍ଠାନରେ କେବେ ବି ନିଜର ଡେବିଟ୍ କାର୍ଡ ବ୍ୟବହାର କରିବାକୁ ଚେଷ୍ଟା କରନ୍ତୁ ନାହିଁ।
13. ପିନ୍ ମେଲର୍ ସ୍କ୍ରାବ୍ କରନ୍ତୁ ନାହିଁ। ପିନ୍ ସହଜରେ ଦେଖାଯିବା ପାଇଁ ଲଫାଫାର ଧାରକୁ କାଟି ଖୋଲନ୍ତୁ।
14. ବ୍ୟାଙ୍କ ଦ୍ୱାରା ଜାରି କରାଯାଇଥିବା ଦାବି କରି ଆପଣଙ୍କ ଏଟିଏମ୍ ପିନ୍ ମାଗିଥିବା କୌଣସି ଇ-ମେଲ୍ ର ଉତ୍ତର ଦିଅନ୍ତୁ ନାହିଁ। ଏହାକୁ ଫିସିଙ୍ଗ୍ ପ୍ରୟାସ କୁହାଯାଏ । ଏୟୁ ସ୍ମଲ୍ ଫାଇନାନ୍ସ ବ୍ୟାଙ୍କରେ, ଆମ ଉପରେ କରାଯାଇଥିବା ଭରସାକୁ ଆମେ ସମ୍ମାନ ଜଣାଉ ଏବଂ କୌଣସି ଉଦ୍ଦେଶ୍ୟରେ ପିନ୍ ଇତ୍ୟାଦି ବ୍ୟକ୍ତିଗତ ବିବରଣୀ ମାଗିବୁ ନାହିଁ।
15. କୌଣସି ଏଟିଏମରେ ଆପଣଙ୍କ ପିନ୍ ସମ୍ବନ୍ଧରେ ସୂଚନା ଦିଅନ୍ତୁ ନାହିଁ ଯାହା ଅସଲି ମନେ ହୁଏ ନାହିଁ କିମ୍ବା ପରିବର୍ତ୍ତନ ହୋଇଥିବା ଜଣାପଡ଼େ/ ଏଥିରେ ସନ୍ଦେହଜନକ ଉପାୟରେ କୌଣସି ସନ୍ଦିଗ୍ଧ ଡିଭାଇସ୍ ଲାଗିଥିବା / କାର୍ଯ୍ୟ କରୁଥିବା ମନେ ହୁଏ ।
16. ଆପଣଙ୍କର ନଗଦ ଟଙ୍କା ଦେଖାନ୍ତୁ ନାହିଁ, ନଗଦ ଟଙ୍କା ଗଣନ୍ତୁ, ଏହାକୁ ସୁରକ୍ଷିତ ଭାବରେ ନିଜ ପକେଟରେ ରଖନ୍ତୁ ଏବଂ ଏଟିଏମରୁ ବାହାରି ଯାଆନ୍ତୁ ।
17. ଏଟିଏମ୍ ବ୍ୟବହାର କରିବା ସମୟରେ କୌଣସି ବ୍ୟକ୍ତିଙ୍କଠାରୁ କିମ୍ବା ସିକ୍ୟୁରିଟି ଗାର୍ଡଙ୍କ ସହାୟତା ନିଅନ୍ତୁ ନାହିଁ।

**ଏୟୁ ବ୍ୟାଙ୍କ ଏଟିଏମରୁ ଟଙ୍କା ଉଠାଣ:- ଏଟିଏମ୍ ସମ୍ବନ୍ଧୀୟ ଅଭିଯୋଗ ଦାଖଲ ପାଇଁ ସୂଚନା**

1. ସମସ୍ତ ଅଣ ଏୟୁ ବ୍ୟାଙ୍କ ଗ୍ରାହକଙ୍କ ପାଇଁ :- ଆମେ ସମସ୍ତ "ଅଣ ଏୟୁ ବ୍ୟାଙ୍କ ଗ୍ରାହକଙ୍କୁ" ଅନୁରୋଧ କରୁଛୁ ଯେ ଯଦି କୌଣସି ଏଟିଏମ୍ କାରବାର ବିଫଳ ହୁଏ, ତେବେ ଯେଉଁଠି ସେମାନଙ୍କର ଆକାଉଣ୍ଟ ରହିଛି ଏବଂ ସଂପୃକ୍ତ ଏଟିଏମ୍ କାର୍ଡ ଲିଙ୍କ୍ ହୋଇଛି ସେମାନେ ସେହି ବ୍ୟାଙ୍କ ଶାଖାରେ ଅଭିଯୋଗ ଦାଖଲ କରିବା ଆବଶ୍ୟକ ।

2. ସମସ୍ତ ଏୟୁ ବ୍ୟାଙ୍କ ଗ୍ରାହକଙ୍କ ପାଇଁ :- ଆମେ ସମସ୍ତ "ଏୟୁ ବ୍ୟାଙ୍କ ଗ୍ରାହକଙ୍କୁ" ଅନୁରୋଧ କରୁଛୁ ଯେ ଯଦି ଏଟିଏମ୍ କାରବାର ବିଫଳ ହୁଏ ତେବେ ବ୍ୟାଙ୍କର ଯେ କୌଣସି ଶାଖାରେ ଅଭିଯୋଗ ଦାଖଲ କରିବା ଆବଶ୍ୟକ । ବିକଳ୍ପ ଭାବରେ ଗ୍ରାହକମାନେ ଅଭିଯୋଗ କରିବା ପାଇଁ ଦିଆଯାଇଥିବା ଫୋନ୍ ବ୍ୟାଙ୍କିଙ୍ଗ୍ ନମ୍ବରରେ ଏୟୁ ବ୍ୟାଙ୍କ ଗ୍ରାହକ ସେବା ସହ ଯୋଗାଯୋଗ କରି ସହାୟତା ନେଇପାରିବେ:- **1800 1200 1200**

## ଏହି ଏଟିଏମ୍ ସାଇଟ୍ ______________________ଶ୍ରେଣୀ ଅଧୀନରେ ରହିଛି।

## ଧ୍ୟାନ ଦିଅନ୍ତୁ :- ଏହି ସ୍ଥାନଟି ସିସିଟିଭି ନିରୀକ୍ଷଣରେ ରହିଛି।

## ନଗଦ ରାଶି ପ୍ରତ୍ୟାହାର: - ଦୟାକରି ବାହାରିଥିବା ନଗଦ ଟଙ୍କା ସଂଗ୍ରହ କରିବାକୁ ନିଶ୍ଚିତ କରନ୍ତୁ ଯେହେତୁ ଏଟିଏମରେ ନଗଦ ଟଙ୍କା ଫେରାଇ ନେବା ଅକ୍ଷମ ହୋଇଛି ।

ନଗଦ ଟଙ୍କା ଉଠାଣ କାରବାର କରିବା ପାଇଁ ଏୟୁ ବ୍ୟାଙ୍କ ଏଟିଏମରେ ସମସ୍ତ ପ୍ରମୁଖ ପ୍ରକାରର କାର୍ଡ ବ୍ୟବହାର କରାଯାଇପାରିବ ।